# Akashvani, Sambalpur

## SAMBALPURI NEWS EVENING BULLETIN

## 2 September 2025- 7.02 pm- 7.12 pm.

**********************************************

୧- ଭାରତ୍ ସାଙ୍ଗେ ସାରା ପୁର୍ଥି ସେମିକଣ୍ଡକ୍ଟର କ୍ଷେତ୍ରଥି ଭବିଷ୍ୟତ୍ ନିର୍ମାଣ ଲାଗି ଆଗ୍ରହୀ - କହେଲେ ପ୍ରଧାନମନ୍ତ୍ରୀ ।

- ଓଡ଼ିଶା ଖୋବ୍ ଜଲ୍‌ଦି ସେମିକଣ୍ଡକ୍ଟର୍ ହବ୍ ହେବାର୍‌କେ ଯାଉଛେ - କହେଲେ ମୁଖ୍ୟମନ୍ତ୍ରୀ ।

- ନୂଆଦିଲ୍ଲୀ ନ ସେମିକନ୍ ସମ୍ମିଲନୀ-୨୦୨୫ ଥି ଦେଲେ ଯୋଗ୍ ।

୨- ପୁରୀ ଶ୍ରୀମନ୍ଦିର୍‌ର ଛତିଶା ନିଯୋଗ୍ ବୈଠକ୍‌ଥି ଧାଡ଼ି ଦର୍ଶନ୍ ଆର୍ ଚନ୍ଦ୍ରଗ୍ରହଣ୍ ନୀତିକାନ୍ତି ଲାଗି ହେଲା ଆଲୋଚନା ।

୩- ଖୋବ୍ ଜଲ୍‌ଦି ସମ୍ବଲ୍‌ପୁର୍ ନ କାର୍ଯ୍ୟକ୍ଷମ୍ ହେବା ଡପ୍‌ଲର୍ ରାଡ଼ାର୍ ସିଷ୍ଟମ୍ ।

ଆଉର୍

୪- ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଲା ଲଘୁଚାପ୍ କ୍ଷେତ୍ର ।

- ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ଅତି ଜବର୍ ବର୍ଷା ଲାଗି ଜାରି ହେଲା ସତର୍କ ସୂଚ୍‌ନା ।

ସେମିକନ୍ ଇଣ୍ଡିଆ ସମ୍ମିଳନୀ ଏନ୍‌ଏସ୍‌ଡି/ଏକ୍ସ

ସେମିକଣ୍ଡକ୍ଟର କ୍ଷେତ୍ରଥି ଭାରତ୍ ସହେତେ ଭବିଷ୍ୟତ୍ ନିର୍ମାଣ କର୍‌ବାର୍ ଲାଗି ସାରା ପୁର୍‌ଥି ଇଛେନ୍‌କା ଆଗ୍ରହୀ ଅଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର ଯଶୋଭୂମିଠାନେ ଆଏଜ୍ ସେମିକନ୍ ଇଣ୍ଡିଆ ୨୦୨୫କେ ଉଦ୍‌ଘାଟନ୍ କରି କରି ପ୍ରଧାନମନ୍ତ୍ରୀ କହିଛନ୍, ଭାରତର୍ ଇ ଛୁଟିଆ ଚିପ୍ ପୁରଥି ନ ବଡ଼ ପରିବର୍ତ୍ତନ୍ ଆନ୍‌ବାର୍‌କେ ଯାଉଛେ ।

(ଭଏସ୍ ଓଭର୍-ପ୍ରଧାନମନ୍ତ୍ରୀ)

ପ୍ରଧାନମନ୍ତ୍ରୀ କହିଛନ୍, ଆଘୋନୁ ତେଲ୍‌କେ କଲା ସୁନା ବଲି କୁହାଯାଉଥିଲା । ଇଛେନ୍‌କା ଚିପ୍‌କେ ନୂଆ ଡିଜିଟାଲ୍ ହୀରା ଭାବେ ମାଏନ୍‌ତା ମିଲିଛେ । ଏକବିଂଶ ଶତାବ୍ଦୀଥି ସବୁ ଶକ୍ତି ଛୋଟ ଆକାରର୍ ଚିପ୍ ଭିତ୍‌ରେ ରହିଛେ, ଯେନ୍‌ଟାକି ସାରା ପୁର୍‌ଥିର ଅଭିବୃଦ୍ଧି ଦିଗ୍‌କେ ନୂଆ ଗତି ଦେବା ।

(ଭଏସ୍ ଓଭର୍-ପ୍ରଧାନମନ୍ତ୍ରୀ)

ଶ୍ରୀ ମୋଦୀ କହିଛନ୍, ୨୦୧୧ ଉତ୍‌ରୁ ୧୦ଟା ସେମିକଣ୍ଡକ୍ଟର ପ୍ରକଳ୍ପଥି ୧୮ ବିଲିୟନ୍ ଡଲାର୍‌ନୁ ଅଏତ୍‌କା ଅର୍ଥ

ବିନିଯୋଗ୍ କରାଯାଇଛେ । ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରଥି ଭାରତର୍ ଯୁଆନ୍ ପିଢ଼ି ଗୁଟେ ବଡ଼ ମାନବ୍ ସମ୍ବଲ ଆନ୍ । ଇ ଅବ୍ସରେ ପ୍ରଧାନମନ୍ତ୍ରୀ ସବୁ ଯୁଆନ୍ ଉଦ୍ୟୋଗୀଙ୍କୁ ଇ କ୍ଷେତ୍ରଥି ଆଗ୍କେ ଆସ୍ବାର୍ ଲାଗି ଆହ୍ବାନ୍ ଦେଇଛନ୍ ।

କାର୍ଯ୍ୟକ୍ରମଥି ସୂଚ୍ନା ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେଇକରି ସ୍ୱଦେଶୀ ଜ୍ଞାନକୌଶଲ୍ଥି ନିର୍ମିତ୍ ୩୨ ବିଟ୍ ପ୍ରୋସେସର୍-ବିକ୍ରମ ଆଉ ୪ଟା ଅନୁମୋଦିତ୍ ପ୍ରକଳ୍ପର୍ ଟେଷ୍ଟ ଚିପ୍ ଦେଇଛନ୍ । ବିକ୍ରମ୍କେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ- ଇସ୍ରୋର ସେମିକଣ୍ଡକ୍ଟର ଲେବ୍ନୁ ତିଆର୍ କରାଯାଇଛେ । ସେନ୍ତା ଏନ୍ଆଇଟି ରାଉରକେଲା ନ ତିଆର୍ ହେଇଥିବା ୨ଟା ଆଉ ପାରଲା ମହାରାଜା ଇଞ୍ଜିନିୟରିଂ କଲେଜ୍ ନ ତିଆର୍ ହେଇଥିବା ଗୁଟେ ସେମିକଣ୍ଡକ୍ଟର ଚିପ୍କେ ଶ୍ରୀ ବୈଷ୍ଣବ୍ ପ୍ରଧାନମନ୍ତ୍ରୀଙ୍କୁ ଦେଇଛନ୍ ।

ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଲ୍ ଯୋଗ୍ ଦେଇଛନ୍ । ଇ  ଅବ୍ସରେ ଶ୍ରୀ ମାଝୀ କହିଛନ୍, ଭାରତର୍ ତିଆର ପହେଲା ସେମିକଣ୍ଡକ୍ଟର ଚିପ୍ସ ଦେଶର ସ୍ୱାବଲମ୍ବନ୍ ଦିଗେ ଗୁଟେ ଐତିହାସିକ୍ ଉପଲବ୍ଧି ଆଏ । ବର୍କସ୍ ଆଇ.ଟି.ନୀତି, ଆଏବା ପିଢ଼ିର୍ ଭିତିଭୂମି ଆର୍ ଭିତିଭୂମି ଭିତିକ୍ ସୁଯୋଗ୍ ସହେତେ ଓଡ଼ିଶା ଖୋବ୍ ଜଲ୍ଦି  ସେମିକଣ୍ଡକ୍ଟର୍ ହବ୍ ହେବାର୍କେ ଯାଉଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ପାଭିଲିୟନ୍‌ର ଭିଲ୍ ଉଦ୍‌ଘାଟନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ୮ ତାରିଖ୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର୍ ଲାଗି ଆଏବା କାଏଲ୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଇଥିର୍‌ଲାଗି ଆଗ୍ରହୀ ଲୁକେ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଥି ନାହେଲେ ମୋବାଇଲ୍ ଆପ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ-ସମ୍ବଲ୍‌ପୁର୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀଙ୍କର୍ ପରାମର୍ଶଦାତା ପ୍ରକାଶ୍ ମିଶ୍ର ଆଏଜ୍ ସମ୍ବଲ୍‌ପୁର୍ ଆସିକରି ସମ୍ବଲ୍‌ପୁର୍ ନ ଆଇନ୍ ଶୃଙ୍ଖଳା ଥିତିର୍ ସମୀକ୍ଷା କରିଛନ୍ । ଉତରାଂଚଲ୍ ଆଇ.ଜି.ଙ୍କର୍ କାର୍ଯ୍ୟାଳୟ ନ

ଗୁଟେ ବୈଠକ୍‌ଥି ଶ୍ରୀ ମିଶ୍ର ସମ୍ବଲ୍‌ପୁର୍ ସହେତେ ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍ ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଆରକ୍ଷୀ ଅଧିକ୍ଷକଙ୍କର୍ ସଙ୍ଗେ ଜିଲ୍ଲାମାନ୍‌କର୍ ଆଇନ୍ ଶୃଙ୍ଖଲା ଥିତି ଆର୍ ଅପରାଧ୍ ନିୟନ୍ତ୍ରଣ ବାବ୍‌ଦେ ସମୀକ୍ଷା କରିଛନ୍ ।

ଇତାର୍ ସହେତେ ଆଏବା ୬ ତାରିଖ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସମ୍ବଲ୍‌ପୁର୍ ଗସ୍ତ କାର୍ଯ୍ୟକ୍ରମ୍ ଲାଗି ଶ୍ରୀ ମିଶ୍ର ସୁରକ୍ଷା ଥିତିର୍ ଯାଂଚ୍ କରିଛନ୍ ।

ଛତିଶା ନିଯୋଗ ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ନୀଳାଦ୍ରୀ ଭକ୍ତନିବାସ୍ ଠାନେ ଜିଲ୍ଲାପାଳ୍ ଦିବ୍ୟଜ୍ୟୋତି ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ଶ୍ରୀମନ୍ଦିର୍ ଛତିଶା ନିଯୋଗ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଚନ୍ଦ୍ରଗ୍ରହଣ୍ ନୀତି ନିର୍ଘଂଟକେ ଛତିଶା ନିଯୋଗ୍‌ର ଅନୁମୋଦନ୍ ମିଲ୍‌ବାର୍ ସହେତେ ନାଟମଣ୍ଡପ୍ ନ ଆଏବା ୧୫ ତାରିଖ୍‌ନୁ ଧାଡ଼ି ଦର୍ଶନ୍ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରାଯାଇଥିବାର୍ ଜନାପଡ଼ିଛେ । ବୈଠକ୍‌ଥି ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ୍ ସିଂ, ସବୁ ସେବାୟତ ନିଯୋଗର ସେବାୟତ ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ ।

ରାଜସ୍ୱ ମନ୍ତ୍ରୀ-ଡପ୍ଲର୍ ରାଡ଼ାର୍ ଏକ୍ସ

ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ନ ଖୋବ୍ ଜଲ୍‌ଦି ଡପ୍ଲର୍ ରାଡ଼ାର୍ ସିଷ୍ଟମ୍ ଥାପ୍‌ନା କରାଯିବା ଆଉ ସମ୍ବଲ୍‌ପୁର୍ ଆର୍ ବାଲେଶ୍ୱର୍ ନ ଥାପ୍‌ନା ହେଇଥିବା ଡପ୍ଲର୍ ରାଡ଼ାର୍ ସିଷ୍ଟମ୍ କାର୍ଯ୍ୟକ୍ଷମ୍ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ଇ ସିଷ୍ଟମ୍ ଲାଗି ଭିତିଭୂମି କାମ୍ ଶେଷ୍ ହେଇଛେ । ଖୋବ୍ ଜଲ୍‌ଦି ଦୁହି ଜିଲ୍ଲା ନ ଡପ୍ଲର୍ ରାଡ଼ାର୍ ଜରିଏ ପାଣିପାଗ ବାବ୍‌ଦେ ସଠିକ୍ ସୂଚ୍‌ନା ମିଲିପାର୍‌ବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଚନ୍ଦ୍ରଗ୍ରହଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୭ ତାରିଖ୍ ରଏବାର୍ ଦିନ ଇ ବଛ୍‌ରର୍ ପହେଲା ବିରଳ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହେବା । ଇ ମହାଜାଗତିକ ଦୃଶ୍ୟ ଭାରତ୍‌ର ସବୁ ଜାଗା ନ ଦୃଶ୍ୟମାନ୍ ହେବା । ଚନ୍ଦ୍ରଗ୍ରହଣ୍ ସମ୍ବଲ୍‌ପୁର୍, ରାଉର୍‌କେଲା ଭୁବ୍‌ନେଶ୍ୱର୍, ପୁରୀ, କଟକ୍, ଯାଜ୍‌ପୁର୍, ବ୍ରହ୍ମପୁର୍ ବାଗିର୍ ଜାଗା ମାନ୍‌କେ ଏକାସାଙ୍ଗେ ଦେଖ୍‌ବାର୍‌କେ ମିଲ୍‌ବା । ୫ ଘଂଟାତକ୍ ଚନ୍ଦ୍ରଗ୍ରହଣ୍‌ର ପ୍ରଭାବ୍ ରହେବା । ରାତିର୍ ୯ ବାଜିକରି ୫୭ ମିନିଟ୍‌ଥି ଗ୍ରହଣ୍

ଛିଇଁବା ଆଉ ରାତିର୍ ୧୧ ବାଜିକରି ୧ ମିନିଟ୍‌ଥି ପୂର୍ଣ୍ଣଗ୍ରାସ ଗ୍ରହଣ୍ ମୁଲ୍ ହେଇକରି ଡେରିରାତି ୧ ବାଜିକରି ୨୭ ମିନିଟ୍‌ଥି ଗ୍ରହଣ ସର୍ବମୋକ୍ଷ ହେବା ।

ବିଶ୍ୱ ନଡ଼ିଆ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ସଂସ୍କୃତିଥି ନଡ଼ିଆ କି ଶ୍ରୀଫଳର ବହୁତ୍‌ଟେ ଗୁରୁତ୍ୱ ରହିଛେ । ଶୁଭ ସମୃଦ୍ଧିର୍ ପ୍ରତୀକ୍ ନଡ଼ିଆର୍ ବେଭାର୍ ଆର୍ ତାର୍ ଉପଯୋଗିତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ନଡ଼ିଆ ଦିବସ୍ । ୨୦୦୯ ସେପ୍ଟେମ୍ବର୍ ମାସର୍ ୨ ତାରିଖ୍ ଦିନ ଏସିଆ- ପେସିଫିକ୍ କୋକୋନଟ୍ କମ୍ୟୁନିଟି ଗଠନ୍ କରାଯାଇଥିଲା । ନଡ଼ିଆ ଚାଷ୍ ବାବ୍‌ଦେ ଲୁକ୍‌କର୍ ଭିତ୍‌ରେ ସଚେତନତା ବଢ଼ାବାର୍‌ଟା ଇ ଦିବସ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛର୍ ନଡ଼ିଆ ଦିବସ୍‌ର ବାର୍ତା ରହିଛେ ନଡ଼ିଆର୍ ଶକ୍ତିକେ ଉନ୍ମୋଚନ୍ କର୍‌ମା ଆର୍ ବିଶ୍ୱସ୍ତର୍‌ର କାମ୍‌କେ ତହଁକାମା । ସୂଚ୍‌ନା ଅନ୍‌ସାରେ ନଡ଼ିଆ ଉତ୍ପାଦନ୍‌ଥି ଭାରତ୍ ପୁର୍‌ଥି ନ ୩ ନମ୍ବର୍ ଠାନେ ରହିଛେ ।

କଲାହାଣ୍ଡି-ନୂଆଖାଇ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଗଡ଼ଜାତ ଇଲାକା ନ ଆଏଜ୍ ନୂଆଖାଇ ପାଲନ୍ କରାଯାଉଛେ । ୩ ନମ୍ବର୍ ଖେପ୍‌ଥି ଆଏଜ୍ ଜିଲ୍ଲାର୍ ଭବାନୀପାଟ୍‌ନା, ଲାଞ୍ଜିଗଡ଼୍, ମଦନ୍‌ପୁର୍ ରାମ୍‌ପୁର୍, ଥୁଆମୁଲ୍ ରାମ୍‌ପୁର୍, ଜୟପାଟ୍‌ନା ଆଉ କର୍ଲାପାଟ୍ ଇଲାକା ନ ନୂଆଖାଇ ପାଲନ୍ କରାଯାଉଛେ । ସଖାଲର୍ ୮ ବାଜିକରି ୪୫ ମିନିଟ୍ ନୁ ୯ ବାଜିକରି ୫ ମିନିଟ୍ ଭିତ୍‌ରେ ମା ମାଣିକେଶ୍ୱରୀ ମନ୍ଦିର୍ ନ ନବାନ୍ନ ଲାଗି କରାଯାଇଥିଲା । ତାର୍ ଉତ୍‌ରୁ ଦିନର୍ ୧୦ ବାଜିକରି ୫୫ ମିନିଟ୍‌ନୁ ୧ ବଜେ ଭିତ୍‌ରେ ଲୁକେ ଘର୍‌ମାନ୍‌କେ ନୂଆ ଖାଇଥିଲେ । ନୂଆଖାଇ ଲାଗି ଆଏଜ୍ ସଖାଲୁ ଭବାନୀପାଟ୍‌ନା ମା ମାଣିକେଶ୍ୱରୀ ମନ୍ଦିର୍ ନ ଭିଡ଼୍ ଦେଖ୍‌ବାର୍‌କେ ମିଲିଥିଲା ।

ଖଡ଼ିଆଲ୍ ଅତିରିକ୍ତ ଜିଲ୍ଲା, ଦୌରାଜଜ୍ କୋର୍ଟ        ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କୋର୍ଟ ପରିସର୍ ନ ଅତିରିକ୍ତ ଜିଲ୍ଲା ଆଉ ଦୌରାଜଜ୍ କୋର୍ଟକେ ଆଏଜ୍ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିସ୍ ଟଣ୍ଡନ୍ ଆଭାସୀ ଜରିଏ ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି ପ୍ରୋଟୋକୋଲ୍ ବିଚାର୍‌ପତି ମୃଗାଙ୍କ ଶେଖର୍ ସାହୁଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଖଡ଼ିଆଲ୍

ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଆଏଜ୍ ଶୁଭାରମ୍ଭ ହେଇଥିବା ଇ ଅତିରିକ୍ତ ଜିଲ୍ଲା ଆଉ ଦୌରା ଜଜ୍ କୋର୍ଟ ନ୍ୟାୟିକ ବ୍ୟବସ୍ଥାଥି ଗୁଟେ ମାଇଲ୍‌ଖୁଂଟା ହେବା ବଲି କହିଛନ୍ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍-କଲାହାଣ୍ଡି      କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା କୋର୍ଟ ପରିସର୍ ନ ଆଏବା ୧୩ ତାରିଖ୍ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେବା । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ଅନୁପ୍ ରଞ୍ଜନ୍ ପଟ୍ଟନାୟକଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ଲୋକ୍ ଅଦାଲତ୍‌ଥି ବିଚାର୍‌ପତି ମାନେ ପଞ୍ଜିକୃତ ହେଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ୍ ବାଗିର୍ ଭିନ୍ ଭିନ୍ ମାମ୍‌ଲା ମାନ୍‌କର୍ ଫଇସଲା କର୍‌ବେ । ଲୋକ୍ ଅଦାଲତ୍ ଜରିଏ ଫଇସଲା ନାଇଁ ହେଇଥିବା ମାମ୍‌ଲା ମାନ୍‌କର୍ ଫଏସଲା କରାଯିବା ।

ଆଇନ୍ ସଚେତନତା      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତରଫୁ ଜିଲ୍ଲା କୋର୍ଟ ପରିସର୍ ନ ସୁପ୍ରିମ୍‌କୋର୍ଟ ବିଧି ଅନୁବାଦ ସଫ୍ଟୱେର୍ ଆଉ ଏ.ଆଇ. ବେଭାର୍ ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ସୁପ୍ରିମ୍‌କୋର୍ଟଙ୍କର୍ ରାୟର୍ ଇଂରାଜୀ ନୁ ଆଂଚଲିକ୍ ଭାଷାଥି ଅନୁବାଦ୍, ଓଡ଼ିଶା ଉଚ୍ଚନ୍ୟାୟାଳୟର୍ ଭିଡ଼ିଓ କନ୍‌ଫରେନ୍ସିଂ ନିୟମ୍-୨୦୨୦ ଆର୍ ସେଥିର୍‌ଲାଗି ଥିବା ସୂଚନା, ଯୋଗାଯୋଗ୍ ପ୍ରକ୍ରିୟାର୍ ଲାଭ୍ ହାଇକୋର୍ଟଙ୍କର୍ ଦେଓ୍ୱାନୀ କାର୍ଯ୍ୟବିଧି ନିୟମ୍ - ୨୦୦୭ ବାବ୍‌ଦେ ସଚେତନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ଇ ବଛର୍ ଇ ମାସ୍‌ତକ୍ ଶହେ ୭ ପ୍ରତିଶତ୍ ବର୍ଷା ରେକର୍ଡ଼ କରାଯାଇଛେ ବଲି ଭାରତୀୟ ପାଣିପାଗ ବିଭାଗ୍ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ । ସେ କହିଛନ୍, ଫି' ବଛର୍ ବଙ୍ଗୋପ୍‌ସାଗର୍ ନ ୧୩ ନୁ ୧୪ ଟା ଲଘୁଚାପ୍ ଆର୍ ଅବପାତ୍ ହେସି । ମାତର୍‌କ ଇଥର ୧୬ ଟା ହେବା ବଲି ଅନୁମାନ୍ କରାଯାଇଛେ । ଲଘୁଚାପ୍ ହେଲେ ରାଜ୍ୟର୍ ଦକ୍ଷିଣ ପଶ୍ଚିମ୍ ଭାଗେ ଅଏତ୍‌କା ବର୍ଷା ହେସି । ଇହାଦେ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍ କାଏଲ୍‌ତକ୍ ସମୁଦ୍ରଖଁଡ଼ି ପାର୍ କର୍‌ବା ।

ଇତାର୍‌ବଲେ କେତେଟା ଜିଲ୍ଲା ନ ୨୦ ସେଂଟିମିଟର୍‌ନୁ ଅଏତ୍‌କା ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଶ୍ରୀ ମହାପାତ୍ର କହିଛନ୍ ।
ଲଘୁଚାପ୍ ବଲେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ନ ଘଡ଼୍‌ଘଡ଼ି ସହେତେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଉପର୍‌ମୁଡ଼େ ବର୍ଷା ହେବାର୍‌ନୁ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ଇତାକେ ନଜର୍‌ଥି ରଖିକରି ଖେପ୍ ଖେପ୍ କରି ଆଏଜ୍ ଜଲ୍‌ଭଣ୍ଡାର୍ ୬ ଟା ଗେଟ୍ ଖୁଲାଯାଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜ୍‌ବେଲେ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୬ ଦଶ୍‌ମିକ୍ ୪/୧ ଫୁଟ୍ ରହିଛେ ।
ଇ ସମିଆଥି ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୬୭ ହଜାର୍ ଶହେ ୨୯ ଘନଫୁଟ୍ ପାଏନ୍ ଆସୁଥିଲା ବେଲେ ଲାଖେ ୩୩ ହଜାର୍ ୫ ଶହ ୧୯ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।